ଆଙ୍କୁଲା ଫିଡରରେ ଘନଘନ ବିଦ୍ୟୁତ୍ କାଟ୍

ଯାଜପୁର : ଏକ୍ସପ୍ରେସ୍ ନ୍ୟୁଜ୍

ଯାଜପୁର ଇଲେକ୍ଟ୍ରିକାଲ ସବ୍‌ଡ଼ିଭିଜନ୍ ଅନ୍ତର୍ଗତ ଆଙ୍କୁଲା ଫିଡରରେ ପ୍ରତ୍ୟେକ ଦିନ ଘନଘନ ବିଦ୍ୟୁତ୍‌କାଟ୍ ଯୋଗୁ ଜନସାଧାରଣ ଅତିଷ୍ଠ ହେଲେଣି । ଆଙ୍କୁଲା ଫିଡର ଅଧୀନରେ ଥିବା ଆଙ୍କୁଲା, ମକେଇପୁର, ଗୋପାଳପୁର, କମାଗଡ଼, ଗୁରୁଦାସପୁର, ଚଇନିପୁର, ବିଦ୍ୟାଧରପୁର, କୁଣି, ବାଲିପୋଖରୀ, କୁଞ୍ଜବିହାରୀପୁର, କୋରକରା (ନୂଆକୁଳ), ଗଣେଶ୍ୱରପୁର (ପିରିଜିପୁର, ଲକ୍ଷ୍ମଣପୁର), ଖଇରାବାଦ, କଳିନ୍ଦ୍ରାବାଦ, ଅଡଙ୍ଗ ପୁରୁଷୋତ୍ତମପୁର ପ୍ରଭୃତି ଗ୍ରାମ ରହିଛି । ଏହି ଫିଡର୍ ଅଧୀନରେ ଲାଇନ୍ ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ତାହା ଠିକ୍ ରୂପେ ହେଉନାହିଁ । ଲାଇନ୍‌ମ୍ୟାନଙ୍କର ଇଚ୍ଛା ମୁତାବକ ଲାଇନ୍ ସଟ୍‌ଡାଉନ୍ କରିଦେଉଛନ୍ତି । ଏହି ଦାୟିତ୍ୱରେ ଥିବା ଜେ.ଇ ମଧ୍ୟ ଠିକ୍ ଭାବେ କାର୍ଯ୍ୟ କରୁନଥିବା ଜଣାପଡିଛି । ଗତ ୨୩ ତାରିଖ ଦିନ ଅଘୋଷିତ ଭାବେ ଅପରାହ୍ନ ୩ଟା ଠାରୁ ଲାଇନ୍ କଟାଯାଇ ୨୪ ତାରିଖ ସକାଳ ୯ଟାରେ ଦିଆଗଲା । ପୁନର୍ବାର ୨୪ତାରିଖରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟି ଦିଆଯାଇଥିଲା। ଆଙ୍କୁଲା ଫିଡ୍‌ର ଲାଇନ୍ ସମ୍ବନ୍ଧରେ ଅଧିକ ଧ୍ୟାନ ଦେବାକୁ ଟାଟା ପାଓ୍ୱର କର୍ତ୍ତୃପକ୍ଷଙ୍କୁ ବିଦ୍ୟୁତ୍ ଉପଭୋକ୍ତାଗଣ ଏହାର ସଭାପତି ଦିଗମ୍ବର କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଇଲେକ୍ଟ୍ରି ଖୁଣ୍ଟ ହଟେଇବା ପାଇଁ ଦାବି

ବାଙ୍କୀ : ଏକ୍ସପ୍ରେସ୍ ନ୍ୟୁଜ୍

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ ଫାଟକ ଠାରେ ଦୀର୍ଘ ଦିନ ହେଲା ଏକ ଇଲେକ୍ଟ୍ରି ଖୁଣ୍ଟି ରହିବା ଫଳରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କର ଯିବାଆସିବା ପାଇଁ ଅସୁବିଧା ଘଟୁଛି । ଯାହା ଫଳରେ ବହୁ ସମୟରେ ଛୋଟ ଛୋଟ ଦୁର୍ଘଟଣା ଘଟିବାର ନଜର ଆସିଛି । ଏହି ପରିପ୍ରେକ୍ଷୀରେ ଛାତ୍ର ସଂସଦର କର୍ମକର୍ତ୍ତାମାନେ ଶନିବାର କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ମନୋଜ କୁମାର ମହାପାତ୍ରଙ୍କୁ ଏକ ଦାବିପତ୍ର ଦେବା ସହ ବାଙ୍କୀ ବିଦ୍ୟୁତ୍ ବିଭାଗକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି । ଛାତ୍ର ସଂସଦର ଅଭିଜିତ୍ ରାଉତରାୟ, ରାଜେଶ ସାମଲ, ସନ୍ଦୀପ ପରିଡ଼ା, ଗଗନ ଦାସ ଓ ସୁଧାଂଶୁ ଦାଶ ପ୍ରମୁଖ ଦାବିପତ୍ର ଦେବା ସହ ତୁରନ୍ତ ଇଲେକ୍ଟ୍ରି ଖୁଣ୍ଟିକୁ ଯଥାଶୀଘ୍ର ଉଠାଇବା ପାଇଁ ଦାବି ଜଣାଇଛନ୍ତି ।

କଟକରେ ବେଆଇନ ଲିଙ୍ଗ ନିରୂପଣ ରାକେଟ୍

• ଘରୋଇ ନର୍ସିଂହୋମରେ ଦୁଇ ପୁରୁଷ ଓ ଜଣେ ମହିଳା କାର୍ପଟଦାର
• ପ୍ରତି ପରୀକ୍ଷା ପାଇଁ ନେଉଥିଲେ ୬ରୁ ୧୦ ହଜାର ଟଙ୍କା

କଟକ : ଏକ୍ସପ୍ରେସ୍ ନ୍ୟୁଜ୍

ବେଆଇନ ଲିଙ୍ଗ ନିରୂପଣ କାରବାର ପଛରେ ରହିଥିବା ଜଣେ ମହିଳା ଓ ଦୁଇ ପୁରୁଷ ବ୍ୟକ୍ତି ମୁଖ୍ୟ କାର୍ପଟଦାର ବୋଲି ଏବେ ଚର୍ଚ୍ଚା ଜୋର ଧରିଛି । ୪/୫ଟି ପୋର୍ଟେବୁଲ ଅଲଟ୍ରାସାଉଣ୍ଡ ମେସିନ୍ ରଖି ବର୍ଷ ବର୍ଷ ଧରି ରାଜ୍ୟର ଅଧାରୁ ଅଧିକ ଅଞ୍ଚଳରେ ଏଭଳି ବେଆଇନ ଲିଙ୍ଗ ନିରୂପଣ କାରବାର ଚଳାଇଛନ୍ତି । ତଥ୍ୟ ଅନୁଯାୟୀ ଦଲାଲଙ୍କ ଜରିଆରେ ଏମାନେ ବିଭିନ୍ନ ଅଞ୍ଚଳରେ ଜାଲ ବିଛାଇ ଗର୍ଭବତୀଙ୍କୁ ପ୍ରଭାବିତ କରି ଏଠାକୁ ଆଣି ବେଆଇନ ଭାବେ ଅଲଟ୍ରାସାଉଣ୍ଡ କରି ବେଶ୍ ମୁନାଫା କମାଉଛନ୍ତି । ୩ ବର୍ଷରୁ ଅଧିକ ହେଲାଣି ଏହି ରାକେଟ୍ କାମ କରୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କିନ୍ତୁ ଏମାନଙ୍କର ଟେର୍ ପାଇପାରୁନି । ବେଆଇନ ଭାବେ ଲିଙ୍ଗ ନିରୂପଣ ପାଇଁ ପ୍ରତ୍ୟେକ ଗର୍ଭବତୀଙ୍କଠାରୁ ୬ରୁ ୧୦ ହଜାର ଟଙ୍କା ଆଦାୟ କରାଯାଉଛି । ଏହି ପ୍ରକ୍ରିୟାରେ ସେମାନେ ଗଲା କିଛି ବର୍ଷ ଭିତରେ କୋଟି କୋଟି ଟଙ୍କା ମୁନାଫା କମାଇଥିବା ଜଣାପଡିଛି । ତେଣୁ ଏହି ରାକେଟର ପର୍ଦ୍ଦାଫାସ୍ ପାଇଁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

ଗତ ୨୫ ତାରିଖରେ କଟକରେ ଏଭଳି ଏକ ବେଆଇନ ଲିଙ୍ଗ ନିରୂପଣ କେନ୍ଦ୍ରରେ ଚଢଉ ପରେ କିଛି ଦଲାଲ ଏବେ ସହର ଛାଡ଼ି ପଳାଇଥିବାର ସନ୍ଦେହ କରାଯାଉଛି । ଯେଉଁ ଡାକ୍ତରଙ୍କ ଘରେ ଚଢ଼ଉ ହୋଇଥିଲା, ପରେ ତାଙ୍କୁ ଜେରା କରାଯାଇଥିଲା । ସେଥିରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଥିଲା । କିନ୍ତୁ ରାଜ୍ୟ ପିସିଏଣ୍ଡ ପିଏନ୍‌ଡିଟି ସେଲ୍ ଏହି ଚଢ଼ଉ କରିଥିଲା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏ ସମ୍ପର୍କରେ ଟେର୍ ନପାଇବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଯେଉଁ ମହିଳା ଓ ପୁରୁଷ ଏହି କାରବାରରେ ମୁଖ୍ୟ ସୂତ୍ରଧର ସାଜିଥିଲେ ସେମାନେ ଏକ ଘରୋଇ ନର୍ସିଂହୋମର କର୍ମଚାରୀ ବୋଲି ଜଣାପଡିଛି । ହେଲେ ସେମାନଙ୍କ ପଛରେ ଅନେକ ପ୍ରଭାବଶାଳୀ ବ୍ୟକ୍ତି ରହିଥିବା ନେଇ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ଏହି କାରବାରରେ କୌଣସି ରିପୋର୍ଟ ଗର୍ଭବତୀଙ୍କୁ ଦିଆଯାଉନଥିଲା । କେବଳ ପୁଅ ନା ଝିଅ ହେବ ତାହା ମୌଖିକ ଭାବେ କୁହାଯାଉଥିଲା । ରାଜ୍ୟ ପିସିଏଣ୍ଡ ପିଏନ୍‌ଡିଟି ସେଲ୍ ଓ ଉପଜିଲ୍ଲାପାଳ କମଲଜିତ ଦାସଙ୍କ ସମେତ ଏକ ଟିମ୍ ଉକ୍ତ ଦିନ ଚଢ଼ଉ ସମୟରେ ଅଲଟ୍ରାସାଉଣ୍ଡ କରିବା ପାଇଁ ଆସିଥିବା ଗର୍ଭବତୀଙ୍କୁ ବୟାନ ରେକର୍ଡ କରିଥିଲେ । ପୁରୀ ଜିଲ୍ଲାର ଚନ୍ଦନପୁର ସିଏଚ୍‌ସିର ଡାକ୍ତର ପୂଣ୍ୟଶ୍ଳୋକ ଦାସଙ୍କ କଟକର ଫ୍ରେଣ୍ଡସ କଲୋନୀସ୍ଥିତ ଘରେ ପିସିଏଣ୍ଡ ପିଏନ୍‌ଡିଟି ସେଲ୍ ଓ ଉପଜିଲ୍ଲାପାଳଙ୍କ ଟିମ୍ ମିଳିତ ଭାବେ ଚଢ଼ଉ କରି ଉକ୍ତ କେନ୍ଦ୍ରକୁ ସିଲ୍ କରିଥିଲେ । ଏହି ଘଟଣାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସତ୍ୟବ୍ରତ ଛୋଟରାୟଙ୍କୁ ପଚାରିବାରେ, ଘଟଣାର ତଦନ୍ତ ଚାଲିଛି, ଏ ଦିଗରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । କିନ୍ତୁ ବର୍ଷକ ତଳେ ମଙ୍ଗଳାବାଗ ଥାନା ପୋଲିସ ଏକ ନର୍ସିଂହୋମରୁ ପୋର୍ଟେବୁଲ ଅଲଟ୍ରାସାଉଣ୍ଡ ମେସିନ୍ ଜବତ କରିଥିଲା ବେଳେ ବେଆଇନ ଲିଙ୍ଗ ନିରୂପଣ କାରବାରର ପ୍ରମାଣ ପାଇଥିଲା । କିନ୍ତୁ ସେହି ତଦନ୍ତ ଆଉ ଆଗକୁ ବଢ଼ି ପାରିନଥିଲା । ତେବେ ବେଆଇନ ଲିଙ୍ଗ ନିରୂପଣ କାରବାରକୁ କିଭଳି ରୋକାଯାଇପାରିବ ସେନେଇ କଠୋର ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ଉଠିଛି ।

ନୂଆ ଗଣଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ ସମ୍ବର୍ଦ୍ଧନା

ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍

ଶନିବାର ଅପରାହ୍ଣରେ ନୂଆ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସହ ନିଖିଳୋତ୍କଳ ସଂସ୍କୃତ ମହାମଣ୍ଡଳର ସଭାପତି ଡ. ପଣ୍ଡିତ ପ୍ରବୋଧ କୁମାର ମିଶ୍ର, ସାଧାରଣ ସଂପାଦକ ମୃତ୍ୟୁଞ୍ଜୟ ବେହେରା, ସଂଗଠନ ସଂପାଦକ ବଟକିଶୋର ପାଇକରାୟ, କାର୍ଯ୍ୟାଳୟ ସଂପାଦକ ନବ କୁମାର ପଣ୍ଡା ଏବଂ ସଦସ୍ୟ ବିନୋଦ ବେହେରା ପ୍ରମୁଖ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ । ସଂସ୍କୃତ ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ଅଳ୍ପ ଦିନ ଭିତରେ ଆଲୋଚନା କରି ପଦକ୍ଷେପ ନେବାର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

ପବିତ୍ର ସ୍ନାନ ପର୍ବର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

BHAKTA DASIA SMRUTI COMMITTEE
Regd. No. 10353 / 678 of 1976-77
A SOCIO - CULTURAL ORGANISATION
MONTHLY REVIEW MEETING

ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍

ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନ ପୂର୍ଣ୍ଣିମାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଭକ୍ତ ଦାସିଆ ସ୍ମୃତି କମିଟିରେ ଆଲୋଚିତ ହୋଇଯାଇଛି । ଭୁବନେଶ୍ୱରସ୍ଥ ଶହୀଦ୍‌ନଗର ବିଷ୍ଣୁମନ୍ଦିରର ସାଂସ୍କୃତିକ ଭବନ କକ୍ଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡ଼ାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସାଂସ୍କୃତିକ ସଂପାଦକ ଆଇନଜୀବୀ ସରୋଜ କୁମାର ସାହୁ ବିଗତ ବର୍ଷର ସ୍ନାନ ପୂର୍ଣ୍ଣିମା, ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାର ଆୟବ୍ୟୟ ଉପସ୍ଥାପନ କରିବା ସହ ଚଳିତ ବର୍ଷର ଖର୍ଚ୍ଚ ଆକଳନର ବିବରଣୀ ଉପସ୍ଥିତ ସଦସ୍ୟଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରିଥିଲେ । ସାଧାରଣ ସଂପାଦକ ଡ଼ଃ ଘନଶ୍ୟାମ ସ୍ୱାଇଁ ଉକ୍ତ ଆର୍ଥିକ ଆବଶ୍ୟକତାକୁ ସଦସ୍ୟମାନଙ୍କ ଯଥାଶକ୍ତି ସହଯୋଗରେ ପୂରଣ କରାଯାଇ ନିଜ ନିଜ ମଧ୍ୟରେ ବିଭିନ୍ନ ଦାୟିତ୍ୱ ବଣ୍ଟନ କରିଥିଲେ । ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ, ନାରାୟଣ ମହାପାତ୍ର , ଦିବ୍ୟଦିଗନ୍ତର ସଭାପତି ଜୟ ପ୍ରକାଶ ମିଶ୍ର, ରୋଟାରିୟାନ ଅବନୀକାନ୍ତ ପଟ୍ଟଯୋଶୀ, ଡ଼ଃ ସୁଶୀଲ କୁମାର ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପୁରୀ ଶ୍ରୀମନ୍ଦିରର କାର୍ଯ୍ୟ ନିର୍ଘଣ୍ଟ ପରେ ଭକ୍ତ ଦାସିଆଙ୍କ ପୀଠରେ ଉପରୋକ୍ତ ସମସ୍ତ କାର୍ଯ୍ୟ ଧାରା ନିର୍ଦ୍ଧିଷ୍ଟ ସମୟରେ କରାଯିବା ପାଇଁ ସ୍ଥିର କରାଯାଇଥିଲା । ସଭା ଆରମ୍ଭରେ ନୂତନ ସଭ୍ୟ ଅର୍ଜ୍ଜୁନୀ ଚରଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍‌ର ଅଭ୍ୟୁଦୟ ଚିକିତ୍ସା କ୍ଷେତ୍ରରେ ପ୍ରଭାବ ପକାଉଛି

ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଯୋଗୁଁ ଏକ ସ୍ୱତନ୍ତ୍ର କ୍ଲିନିକାଲ୍ ଏବଂ ବୈଜ୍ଞାନିକ ଶାଖା ଭାବେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍‌ର ଅଭ୍ୟୁଦୟ ଫଳରେ ଚିକିତ୍ସା କ୍ଷେତ୍ରରେ ଗତ ଏକ ଦଶନ୍ଧି ମଧ୍ୟରେ ପ୍ରଭୂତ ଉନ୍ନତି ଘଟିଛି ବୋଲି ଶୁକ୍ରବାର ଜଣେ ବିଶେଷଜ୍ଞ ମତ ଦେଇଛନ୍ତି । ସାରା ଦେଶରେ ଅଧିକରୁ ଅଧିକ ରକ୍ତ କେନ୍ଦ୍ର ବା ବ୍ଲଡ୍ ସେଣ୍ଟର ଖୋଲାଯାଉଥିବା ବେଳେ ଅଟୋମେସନ୍, କମ୍ପ୍ୟୁଟରାଇଜେସନ୍ ଏବଂ ସେନ୍‌ସିଟିଭ୍ ଆଡଭାନ୍ସଡ ଟେକ୍ନିକ୍ ଭଳି ନୂତନ ଜ୍ଞାନକୌଶଳର ବ୍ୟବହାର ଏହି ପରିବର୍ତ୍ତନ ଆଣିପାରିଛି ବୋଲି କହିଛନ୍ତି କୋଲକାତା ସ୍ଥିତ ଆପୋଲୋ ଗ୍ଲିନିଏଗିଲ୍‌ସ ହସ୍ପିଟାଲ୍‌ର ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗର ମୁଖ୍ୟ ତଥା ସିନିୟର କନ୍‌ସଲଟାଣ୍ଟ ଡାକ୍ତର ସୁଦିପ୍ତ ଶେଖର ଦାସ । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ଆୟୋଜିତ ଚତୁର୍ଥ ବାର୍ଷିକ କନ୍‌ଟିନ୍ୟୁଇଙ୍ଗ ମେଡିକାଲ୍ ଏଜୁକେସନ୍ (ସିଏମ୍‌ଇ)ରେ ଯୋଗ ଦେଇ ନିଜ ବକ୍ତବ୍ୟରେ ଏହା କହିଛନ୍ତି ଡାକ୍ତର ଦାସ । ୨୦ ବର୍ଷ ପୂର୍ବେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ସମ୍ପର୍କରେ ବିଶେଷ କିଛି ଜଣା ନଥିବା ବେଳେ ଗତ ଏକ ଦଶନ୍ଧି ମଧ୍ୟରେ ଏ କ୍ଷେତ୍ରରେ ଆଖିଦୃଶିଆ ବିକାଶ ହୋଇଛି ବୋଲି କହିବା ସହ ଦେଶର ସବୁ ରକ୍ତ ଭଣ୍ଡାରଗୁଡ଼ିକରେ ଏପର୍ଯ୍ୟନ୍ତ ଉପଯୁକ୍ତ ବ୍ୟବସ୍ଥା ହୋଇପାରି ନାହିଁ ବୋଲି ଡାକ୍ତର ଦାସ କହିଥିଲେ ।

ଏହି ଅବସରରେ ଆଇଏମ୍‌ଏସ ଆଣ୍ଡ ସମ୍ ହସ୍ପିଟାଲ୍‌ର ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଗିରିଜା ନନ୍ଦିନୀ କାନୁନ୍‌ଗୋ କହିଥିଲେ ଯେ ହସ୍ପିଟାଲ୍‌ର ଏହି ରକ୍ତ ଭଣ୍ଡାରଟି ୨୦୦୫ରେ ଆରମ୍ଭ ହୋଇଥିବା ବେଳେ ଏଠାରେ ରକ୍ତ ସଂଗ୍ରହ ଓ ରୋଗୀମାନଙ୍କୁ ରକ୍ତ ପ୍ରଦାନ କରିବା ସହ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ମଧ୍ୟ ଦିଆଯାଇଥାଏ । ରକ୍ତ ଭଣ୍ଡାରଟି ଆରମ୍ଭ ହେବା ସମୟରେ ପ୍ରତ୍ୟେକ ଦିନ ପ୍ରାୟ ୩ ରୁ ୫ ୟୁନିଟ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ୩ ୟୁନିଟ ପ୍ରଦାନ କରାଯାଉଥିଲା । ବର୍ତ୍ତମାନ ଏହାର ପରିମାଣ ବୃଦ୍ଧି ପାଇ ପ୍ରତ୍ୟେକ ଦିନ ହାରାହାରି ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ୧୭୫ ୟୁନିଟ୍ ପ୍ରଦାନ କରାଯାଉଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ବ୍ଲଡ ଟ୍ରାନ୍ସଫ୍ୟୁଜନ୍ କାଉନ୍‌ସିଲ୍‌ର ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ନୀଳକଣ୍ଠ ମିଶ୍ର ଯୋଗଦେଇ କହିଥିଲେ ଯେ, ଓଡ଼ିଶାରେ ପ୍ରତ୍ୟେକ ବର୍ଷ ୪ ଲକ୍ଷ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ପ୍ରାୟ ୫ ଲକ୍ଷ ୟୁନିଟ୍‌ର ଆବଶ୍ୟକତା ରହିଛି । ତେଣୁ ସରକାର ସୁରକ୍ଷିତ ବ୍ଲଡ ଟ୍ରାନ୍ସଫ୍ୟୁଜନ୍ ପାଇଁ ପ୍ରଚେଷ୍ଟା କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଷ୍ଟେଟ୍ ଏଡ୍ସ କଣ୍ଟ୍ରୋଲ୍ ସୋସାଇଟିର ନିର୍ଦ୍ଦେଶକ ଡାକ୍ତର ଉର୍ମିଳା ମିଶ୍ର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

କାଳବୈଶାଖୀ ତାଣ୍ଡବ : ବ୍ୟାପକ କ୍ଷୟକ୍ଷତି

ବୁଗୁଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍

କାଳବୈଶାଖୀ ତାଣ୍ଡବ ଯୋଗୁଁ ବୁଗୁଡ଼ା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାଯାଇଛି । ଶନିବାର ଅପରାହ୍ଣରେ କାଳବୈଶାଖୀ ତାଣ୍ଡବ ରଚିଥିଲା । ପ୍ରବଳ ଝଡ଼ବର୍ଷା ସାଙ୍ଗକୁ ତୁହାକୁ ତୁହା କୁଆପଥର ବର୍ଷଣ ହୋଇଥିଲା । କେତେକ ଲୋକଙ୍କ ଘର ଝରକା କାଚ ଏବଂ ଯାତାୟତ କରୁଥିବା ଗାଡ଼ି କାଚ ମଧ୍ୟ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଗଛର ଶାଖା ପ୍ରଶାଖା ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା । ଖୋଳଖାଳି ପଞ୍ଚାୟତର ତାଳସାକର-ବାଘମରାସାହି ଠାରେ ଥିବା ନିଳାଦ୍ରୀ ବିହାରୀ ପ୍ରଧାନଙ୍କ ଅାଁଳା ବଗିଚାରେ ଗଛ ଭାଙ୍ଗିଯାଇ ଫଳ ସବୁ ଧରାଶାୟୀ ହୋଇଯାଇଛି । ସେହିପରି ସୁଜାତା ପ୍ରଧାନଙ୍କ ଫାର୍ମ ହାଉସର ଟିଣ ଛପର ଘର ଭାଙ୍ଗିଯିବା ସହ ବାର କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ପରିମାଣର ଆମ୍ବ ଝଡ଼ା ଦେଇଛି । ଫଳରେ ଉଭୟଙ୍କ ଫଳ ଚାଷ ଉଜୁଡି ଯାଇ ଲକ୍ଷାଧିକ ଟଙ୍କାର କ୍ଷତି ସେମାନଙ୍କୁ ହତାଶ କରିଛି । ଅନ୍ୟପକ୍ଷରେ ପିପୁଲ୍ସ କଲେଜ ନିକଟରେ ଗଛ ଡାଳ ଭଙ୍ଗି ରାସ୍ତା ଅବରୋଧ ହୋଇଥିବା ବେଳେ ଲୋକେ ତାହାକୁ ହଟାଇ ଥିଲେ । ବୁଗୁଡା ସହରର ବିଭିନ୍ନ ସ୍ଥାନରେ ତାର ଝିଣ୍ଟି ଯାଇଥିବାରୁ ବିଦ୍ୟୁତ ସେବା ବ୍ୟାହତ ରହିଥିଲା ।

ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ଫୁଲନଖରା : ଏକ୍ସପ୍ରେସ୍ ନ୍ୟୁଜ୍

ବାରଙ୍ଗ ବ୍ଲକ ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ଖଦୋଳଠାରେ ଥିବା ବିଳାଶୁଣୀ ବିଦ୍ୟାପୀଠର ୨୦୦୨ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୪୫ଜଣ ସହପାଠୀ ଯୋଗଦେଇ ପରସ୍ପର ଭାବର ଆଦାନ ପ୍ରଦାନ କରିବା ସହିତ ସ୍କୁଲ ଜୀବନ ସ୍ମୃତିକୁ ରୋମନ୍ଥନ କରିଥିଲେ । ଏହି ଅବସରରେ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପଣ୍ଡିତ ଶରତ କୁମାର ଆଚାର୍ଯ୍ୟ, ପ୍ରାକ୍ତନ ପ୍ରଧାନଶିକ୍ଷକ ଶରତଚନ୍ଦ୍ର ପଳତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାକର ମହାନ୍ତି, କ୍ରୀଡ଼ା ଶିକ୍ଷକ ଆନନ୍ଦଚନ୍ଦ୍ର ଦାସ, ସବିତା ମହାପାତ୍ର ଏବଂ ପଣ୍ଡିତ ବିମ୍ବାଧର ଦାସଙ୍କୁ ପୁରାତନ ଛାତ୍ରଛାତ୍ରୀ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅନିରୁଦ୍ଧ ଦାସ, ବିନୟ କୁମାର ସ୍ୱାଇଁ, ବିଶ୍ୱନାଥ ସାମନ୍ତରାୟ, ଗଙ୍ଗାଧର ବେହେରା, ରଶ୍ମିରଞ୍ଜନ ସ୍ୱାଇଁ, ସାଗରିକା ପ୍ରିୟଦର୍ଶିନୀ, ପୁଷ୍ପାଞ୍ଜଳି ସିଂ ଓ ଅନ୍ୟ ପୁରାତନ ସହପାଠୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଅସହାୟ ପରିବାରକୁ ସମାଜସେବୀ ଅଶୋକଙ୍କ ସହାୟତା

କଟକ : ଏକ୍ସପ୍ରେସ୍ ନ୍ୟୁଜ୍

ମାନବ ସେବା ହିଁ ମାଧବ ସେବା । ଏହି ଧର୍ମ ପାଳନ କରିଆସୁଛନ୍ତି କଟକ ଶିଖରପୁର ଅଞ୍ଚଳର ସମାଜସେବୀ ଅଶୋକ ମହାନ୍ତି । ପ୍ରକାଶ ଯେ, ଜଗତପୁରର ନିମପୁର ବସ୍ତିରେ ବାସ କରୁଥିବା ସେକ ବୈତୁଲା ପକ୍ଷାଘାତ ରୋଗରେ ପୀଡ଼ିତ । ପ୍ରଚଣ୍ଡ ରୌଦ୍ରତାପ ହେତୁ ସେ ରହୁଥିବା ଆଜବେଷ୍ଟସ୍ ଘରେ ପ୍ରବଳ ଗରମ ପାଇଁ ଏକ ପଙ୍ଖା କିଣିବାକୁ ସେ ମନ ବଳାଇଥିଲେ । ହେଲେ ଆର୍ଥିକ ଅନାଟନ ପାଇଁ ସେ ପଙ୍ଖା କିଣିପାରିନଥିଲେ । ଏ କଥା ସମାଜସେବୀ ଶ୍ରୀ ମହାନ୍ତିଙ୍କ ଦୃଷ୍ଟିଗୋଚର ହେବା କ୍ଷଣି ଶନିବାର ସେ ଜଗତପୁରସ୍ଥିତ ବୈତୁଲାଙ୍କ ଘରେ ପହଞ୍ଚି ଏକ ବଡ ପଙ୍ଖା ତାଙ୍କୁ ଦେଇଛନ୍ତି । ନୂତନ ପଙ୍ଖା ପାଇ ବୈତୁଲାଙ୍କ ପରିବାର ଶ୍ରୀ ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ପଙ୍ଖା ପ୍ରଦାନ ସମୟରେ ଲୋକନାଥ ଲେଙ୍କା, ଗଣେଶ ରାଉତ, ଆଶୁତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଗୁରୁତର ରୋଗୀଙ୍କୁ ମାଗଣାରେ ରକ୍ତଦାନ

ବାଙ୍କୀ : ଏକ୍ସପ୍ରେସ୍ ନ୍ୟୁଜ୍

ବାଙ୍କୀ ମା'ଚର୍ଚ୍ଚିକା ରକ୍ତଦାତା ସଂଘ ବିଭିନ୍ନ ସମୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଗୁରୁତର ରୋଗୀଙ୍କୁ ମାଗଣାରେ ବିଭିନ୍ନ ଗ୍ରୁପ୍‌ର ରକ୍ତ ଯୋଗାଇ ଦେଇଆସୁଛନ୍ତି । ଅନୁଗୁଳର ଲାଲ୍‌ମୋହନ ସୋରେନ୍ (୪୭) କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥ ସମ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କର ଚିକିତ୍ସା ନିମନ୍ତେ ଜରୁରୀକାଳୀନ ଭିତ୍ତିରେ 'ବି' ରକ୍ତ ଦରକାର ହେବାରୁ ମା'ଚର୍ଚ୍ଚିକା ରକ୍ତଦାତା ସଂଘ ପକ୍ଷରୁ ସଭ୍ୟ ସମ୍ବିତ୍ ଦଳେଇ ସେଠାକୁ ଯାଇ 'ବି ' ରକ୍ତ ପ୍ରଦାନ କରିଛନ୍ତି । ମା'ଚର୍ଚ୍ଚିକା ରକ୍ତଦାତା ସଂଘ ପକ୍ଷରୁ ଓଡ଼ିଶାର ବିଭିନ୍ନ ଚିକିତ୍ସାଳୟରେ ଗୁରୁତର ରୋଗୀଙ୍କୁ ରକ୍ତ ପ୍ରଦାନ କରି ସେମାନଙ୍କ ଜୀବନ ବଞ୍ଚାଉଛନ୍ତି । ରକ୍ତଦାତା ସଂଘ ସଭାପତି ଦେବସ୍ମିତା ରାଉତ, ଉପସଭାପତି ଅନୀଲ୍ କୁମାର ସ୍ୱାଇଁ, ସଂପାଦକ ରାମଚନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ବେଣୁଧର ବେହେରାଙ୍କ ତତ୍ତ୍ୱାବଧାନରେ ରକ୍ତଦାତା ସଂଘ କାର୍ଯ୍ୟ କରୁଛି । ଓଡ଼ିଶାର ଯେ କୌଣସି ଲୋକର ରକ୍ତର ଆବଶ୍ୟକତା ପଡିଲେ ରକ୍ତଦାତା ସଂଘ ସହିତ ଫୋନ୍ ନଂ– ୮୯୮୪୦୦୪୧୩୩ / ୭୭୮୮୮୨୮୦୨୪ରେ ଯୋଗଯୋଗ କରାଗଲେ ସେମାନେ ତୁରନ୍ତ ରକ୍ତ ଯୋଗାଇ ଦେବେ ବୋଲି କୋଷାଧ୍ୟକ୍ଷ ବେଣୁଧର ବେହେରା ପ୍ରକାଶ କରିଛନ୍ତି ।

ଗଞ୍ଜେଇ ଜବତ : ୬ ଗିରଫ

ଖୋର୍ଦ୍ଧା : ଏକ୍ସପ୍ରେସ୍ ନ୍ୟୁଜ୍

ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ ଅଞ୍ଚଳରୁ ବ୍ୟାପକ ପରିମାଣରେ ଗଞ୍ଜେଇ ଜବତ କରିବା ସହ ମାମଲାରେ ସମ୍ପୃକ୍ତ ୪ଜଣ ମହିଳାଙ୍କ ସମେତ ୬ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି । ଏଥିସହ ୭୭ କେଜି ଗଞ୍ଜେଇ ଜବତ କରିଛି । ସୂଚନା ମୁତାବକ ଶୁକ୍ରବାର ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ ନିକଟରେ ଗଞ୍ଜେଇ ଚାଲାଣ ହେଉଥିବାର ଜଟଣୀ ଅବକାରୀ ବିଭାଗ ଖବର ପାଇଥିଲା । ତେବେ ଖୋର୍ଦ୍ଧା ରେଞ୍ଜ ଅବକାରୀ ଇନ୍‌ସପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ଉକ୍ତ ସ୍ଥାନରେ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ୭୭ କେଜି ଗଞ୍ଜେଇ ଜବତ କରିଥିବା ବେଳେ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରୁ ୪ଜଣ ମହିଳା ଥିବା ଜଣାପଡିଛି । ସମସ୍ତ ୬ଅଭିଯୁକ୍ତମାନେ ବିହାର ରାଜ୍ୟ ବେଗୁସରାଇ ଜିଲ୍ଲାର ହୋଇଥିବା ନେଇ ଅବକାରୀ ଅଧିକାରୀ ଶ୍ରୀ ସାହୁ କହିଛନ୍ତି । ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଉକ୍ତ ଚଢ଼ଉରେ ଜଟଣୀ ଅବକାରୀ ଅଧିକାରିଣୀ ଗୀତାଞ୍ଜଳି ବେହେରା, ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ଅଧିକାରୀ ଏବଂ ଆର୍‌ପିଏଫ୍ କର୍ମଚାରୀ ସାମିଲ ଥିଲେ । ଜବତ ଗଞ୍ଜେଇର ମୂଲ୍ୟ ୭ ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି ।

ଚୌଦ୍ୱାର ବିଜେପି ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ଟାଙ୍ଗୀ-ଚୌଦ୍ୱାର: ଏକ୍ସପ୍ରେସ୍ ନ୍ୟୁଜ୍

ଚୌଦ୍ୱାର ବିଜେପି ମଣ୍ଡଳ ପକ୍ଷରୁ ୪ର୍ଥ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ରୂପଯାତ୍ରା ପଡ଼ିଆସ୍ଥିତ ୪୪ମଣ୍ଡଳ ରାଜଦୋଳ କମିଟି କାର୍ଯ୍ୟାଳୟ ପରିସରରେ ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି ଯୋଗଦେବା ସହ ମୋଦୀ ସରକାରଙ୍କର ୯ବର୍ଷ ଶାସନକାଳ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ହେବାକୁ ଥିବା 'ମହାସମ୍ପର୍କ ଅଭିଯାନ' ଓ 'ଘରକୁ ଘର ଚାଲ' ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପୂର୍ବତନ ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ନିର୍ବାଚନମଣ୍ଡଳୀ ପ୍ରଭାରୀ ଚିତ୍ତ ମିଶ୍ର, ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ଜିଲ୍ଲା ସଂପାଦକ ବୈରାଗୀ ଚରଣ ପ୍ରଧାନ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ଚନ୍ଦ୍ର ବଡ଼ଜେନା, ୧୩ନଂ. ଓ୍ୱାର୍ଡ଼ କାଉନ୍‌ସିଲର ସୁଜାତା ସାହୁ, କଟକ ନଗର ଜିଲ୍ଲା ଓବିସି ମୋର୍ଚ୍ଚା ଉପସଭାପତି ସୌମେନ୍ଦ୍ର ପଲ୍ଲାଇ ପ୍ରମୁଖ ଯୋଗ ଦେଇଥିଲେ ।

ନରଣପୁର ସ୍କୁଲରୁ ଚାଉଳ ଚୋରି ଥାନାରେ ମାମଲା

କାକଟପୁର : ଏକ୍ସପ୍ରେସ୍ ନ୍ୟୁଜ୍

ଶୁକ୍ରବାର ବିଳମ୍ବିତ ରାତିରେ ଅଜଣା ଦୁର୍ବୃତ୍ତ ନରଣପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ମେନ୍ ଗେଟ୍ କୁନ୍ଦା ଭାଙ୍ଗି ୨ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ, ୨ଟା ଡେକଚି, ୨ଟା କୁଣ୍ଡ, ଗୋଟିଏ କଢ଼େଇ, ୨ଟା କାଙ୍ଗୁଲା ଚୋରି କରି ନେଇଥିବା କାକଟପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ମୁତାବକ ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ରାଉତ ଶନିବାର ସକାଳ ୭ଟାରେ ସ୍କୁଲ ପରିସରରେ ପହଞ୍ଚି ଜାଣିବାକୁ ପାଇଥିଲେ ମେନ୍ ଗେଟ୍ ଭାଙ୍ଗି କେହି ଦୁର୍ବୃତ୍ତ ମଧ୍ୟାହ୍ନଭୋଜନ ଚାଉଳ ସାମଗ୍ରୀ ସହ ଅତ୍ୟାବଶ୍ୟକ ସାମଗ୍ରୀ ଚୋରି କରି ନେଇଯାଇଛି । ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ରାଉତ ଚିଠି ନଂ:- ୨୨୭ କାକଟପୁର ଥାନାରେ ଏତଲା ଦେବା ସହ ମଣ୍ଡଳ ଶିକ୍ଷା ଅଧିକାରୀ କାକଟପୁର, ସରପଞ୍ଚ ଓଥକା, ମଣ୍ଡଳ ଉନ୍ନୟନ ଅଧିକାରୀ କାକଟପୁର, ପଞ୍ଚାୟତ ସମିତି ଅଧ୍ୟକ୍ଷ କାକଟପୁରଙ୍କୁ ଅବଗତ କରିଛନ୍ତି ।

'କେଣ୍ଟ'ର କୁଲ୍ ବ୍ରାଇସ୍ ଷ୍ଟାଇଲିସ୍ ବିଏଲ୍‌ଡିସି ପଙ୍ଖା ଝାଞ୍ଜି ପବନକୁ ମାତ୍ ଦିଏ

ନୂଆଦିଲ୍ଲୀ : ଏକ୍ସପ୍ରେସ୍ ନ୍ୟୁଜ୍

ଲୋକପ୍ରିୟ ଓ୍ୱାଟର ପ୍ୟୁରିଫାୟର୍ କମ୍ପାନୀ 'କେଣ୍ଟ ଆରୋ ସିଷ୍ଟମ ଲିମିଟେଡ', କୁଲ ପ୍ଲାଟିନମ ଏବଂ ଲକ୍ସସ ସିରିଜ ପଙ୍ଖାର ପ୍ରଶଂସକଙ୍କ ସଫଳତା ପରେ ବର୍ତ୍ତମାନ ଆସିଛି 'କେଣ୍ଟ କୁଲ ବ୍ରାଇସ ଷ୍ଟାଇଲିସ ଫ୍ୟାନ୍ସ', ଯାହା ଲୋକଙ୍କ ମଧ୍ୟରେ ପ୍ରିୟ ପାଲଟିଛି । ଏହାର ବୈଶିଷ୍ଟ୍ୟଗୁଡିକ ବିଷୟରେ କହିବାକୁ ଗଲେ, ଅତ୍ୟାଧୁନିକ ଏବଂ ଶକ୍ତି ସଂରକ୍ଷଣ କ୍ଷେତ୍ରରେ କୁଲ ବ୍ରାଇସ ଷ୍ଟାଇଲିସ୍‌ର ପ୍ରଶଂସକମାନଙ୍କ ଲାଗି ଏହାର ଏକ ଅଲଗା ପରିଚୟ ସୃଷ୍ଟି କରିଛି । ପଙ୍ଖାର ରିଭର୍ସ ଗତି ସହିତ, ଖରାଦିନେ ଥଣ୍ଡା ପବନ ଏବଂ ଶୀତଦିନେ ଉଷ୍ମ ପବନ ଦେଇଥାଏ ।

ବିଏଲ୍‌ଡିସି ଟେକ୍ନୋଲୋଜି : କେଣ୍ଟ କୁଲ ବ୍ରାଇସ ପଙ୍ଖାର ବ୍ରଶଲେସ ଡାଇରେକ୍ଟ କରେଣ୍ଟ (ବିଏଲ୍‌ଡିସି) ଟେକ୍ନୋଲୋଜି ସହିତ ସଜ୍ଜିତ, ଯାହା ପାରମ୍ପରିକ ପଙ୍ଖା ତୁଳନାରେ ୬୫% ଶକ୍ତି ସଞ୍ଚୟ କରେ । ଏହି କୁଲ ବ୍ରାଇସ ପଙ୍ଖା ୨୮% ଉତ୍ତାପକୁ ମାତ୍ ଦେଇଥାଏ ।

ପବନ ଆସେ, କିନ୍ତୁ ଶବ୍ଦ ନୁହେଁ : ହାଓ୍ୱା ସହିତ ଶବ୍ଦ କରୁଥିବା ପଙ୍ଖାକୁ ଅଲ୍‌ବିଦା କହିବାକୁ ହେଲେ କୁଲ୍ ବ୍ରାଇସ୍ ପଙ୍ଖାକୁ ଲଗାଇବା ମାତ୍ରେ ଆପଣ ଜାଣିପାରିବେ ନାହିଁ ଯେ, ପଙ୍ଖା ଚାଲୁଛି କି ନାହିଁ । କେବଳ ହାଓ୍ୱା ହିଁ ଜଣାଇବ ଯେ ପଙ୍ଖା ଚାଲୁଛି କି ନାଇଁ ।

ଓ୍ୱାଇ-ଫାଇ / ଆଇଓଟି ଲେସ୍ : ବର୍ତ୍ତମାନ ଫ୍ୟାନ ଅନ୍-ଅଫ୍, ସ୍ପିଡି ବଢ଼ାଇବା କିମ୍ବା ହ୍ରାସ କରିବାକୁ ରେଗୁଲେଟର ନିକଟକୁ ଯିବା ଆବଶ୍ୟକ ନାହିଁ । ଓ୍ୱାଇ-ଫାଇ, ଆଲେକ୍ସା ଆଇଓଟି ଏବଂ ସ୍ମାର୍ଟ ଫୋନ୍ ଦ୍ୱାରା ଆପଣଙ୍କ ଇସାରାରେ ଫ୍ୟାନ୍ ଚାଲିବ ।

ହାଓ୍ୱା ପାଇଁ ତିନି ଏବଂ ଚାରିଟି ବ୍ଲେଡ : ପଙ୍ଖାରେ ୩-୪ ଟି ସ୍ୱତନ୍ତ୍ର ଡିଜାଇନ ବ୍ଲେଡ ଅଛି, ଯାହା ରୁମର ପ୍ରତ୍ୟେକ କୋଣରେ ବାୟୁ ପହଞ୍ଚାଇବାରେ ସକ୍ଷମ ଆପଣ ଯେଉଁ କୋଠରୀରେ ଅଛନ୍ତି, ଏହା ଆପଣଙ୍କୁ ଥଣ୍ଡା ରଖିବ ।

ନୂଆ ରିଭର୍ସ ଫଙ୍କସନ୍ : କୁଲ ବ୍ରାଇସ ପଙ୍ଖା ସିଧା ଏବଂ ଓଲଟା ଦିଗରେ ଚାଲିପାରିବ । ତେଣୁ ଏହାକୁ ଉଭୟ ଶୀତ ଏବଂ ଗ୍ରୀଷ୍ମ ଋତୁରେ ବ୍ୟବହାର କରାଯାଇପାରିବ । ଏହି ନୂତନ ରିଭର୍ସ ଫଙ୍କ୍‌ସନ୍ ଯୋଗୁଁ ଉଷ୍ମ ବାୟୁ କୋଠରି ଚାରିପାଖରେ ସଠିକ ଭାବରେ ମିଳିଥାଏ ।

ଷ୍ଟାଇଲ୍ ଆଶ୍ଚର୍ଯ୍ୟଜନକ ଅଟେ : ସମ୍ପୂର୍ଣ୍ଣ ଷ୍ଟାଇଲିସ ପଙ୍ଖା ବ୍ରାଇଜ ସିରିଜ ଏବଂ କାର୍ଯ୍ୟ କ୍ଷମତା ବଜାରରେ ଅନ୍ୟ ପଙ୍ଖାଠାରୁ ପୃଥକ କରିଥାଏ । ଫିନିସିଂ ଏବଂ ଅତ୍ୟାଧୁନିକ ଡିଜାଇନ ଘରର ସୌନ୍ଦର୍ଯ୍ୟକୁ ଏକ ଭିନ୍ନ ରୂପ ଦେଇଥାଏ ।

କହିରଖୁଛୁ ଯେ, କୁଲ୍ ପଙ୍ଖା ଦେଶର ସମସ୍ତ ପ୍ରମୁଖ ଉପକରଣ ଷ୍ଟୋର୍ ସହିତ ଇ-କମର୍ସ ପ୍ଲାଟଫର୍ମ ଆମାଜନ, ଫ୍ଲିପକାର୍ଟଏହି ପଙ୍ଖା ଉପଲବ୍ଧ, ଯାହା ସୁଲଭ ମୂଲ୍ୟ ୬୯୯୯ରୁ ୧୦,୯୯୯ ଟଙ୍କାରେ ମିଳୁଛି ।

Kühl
Stylish Fans

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.03-KUR-TRD-OT-2023-24

କାର୍ଯ୍ୟର ନାମ: ତିନି ବର୍ଷ ନିମନ୍ତେ ତାଳଚେର (TLHR) ଠାରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (MCL) ର ବଳରାମ ସାଇଡ଼ିଙ୍ଗ୍‌ର ସ୍ତର ନଂ.9 ଏବଂ 10 ତଥା ଅନନ୍ତ (ANT)ସାଇଡ଼ିଙ୍ଗ୍, ଜଗନ୍ନାଥ (JNC) ସାଇଡ଼ିଙ୍ଗ୍ ତଥା ଭରତପୁର (BTPR) ସାଇଡ଼ିଙ୍ଗ୍‌ର ସମସ୍ତ ବୋଝେଇ ସ୍ତରଗୁଡ଼ିକରେ ଆଇସୋଲେଟରଗୁଡ଼ିକର ପରିଚ୍ଛଳନା ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,20,56,409.90, EMD (ଟଙ୍କାରେ) : 2,10,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 1095 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ: ତା.29.05.2023 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.12.06.2023 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD),
ଖୋର୍ଦ୍ଧା ରୋଡ୍

PR-207/O/23-24

TO-LET

Available for rent, near Rasulgarh Square, 1st floor measuring 3000 Sqft, well furnished with Suitable wood work, Cabins, Chambers & 2nd Floor measuring 2600 Sqft along with facilities of Lift, with good Parking Space, Independent Transformer, Continuous water Supply, Suitable for Bank, Corporate office, School, Coaching center, Guest house, Nursing Home. Only genuine Persons may contact 95837 06460, 94395 41832.